ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/S&ME(OD)/1081/19-01-2021

# ବ୍ୟାପକ ହେବ ମୋ ସ୍କୁଲ ଅଭିଯାନ

## ୧୦୦ ସ୍କୁଲର ବିକାଶ ଦାୟିତ୍ୱ ନେବ 'ମୋ ସ୍କୁଲ' ଅଭିଯାନ

ଭୁବନେଶ୍ୱର, ତା.୧୯/୦୧/୨୦୨୧

ତୋଷାଳି ଭବନସ୍ଥିତ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ କାର୍ଯ୍ୟାଳୟରେ 'ମୋ ସ୍କୁଲ ଅଭିଯାନ'ର ୭ମ ପରିଚାଳନା ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି ।

ମୋ ସ୍କୁଲ ଅଭିଯାନକୁ ରାଜ୍ୟ ସରକାରଙ୍କ ୫–'ଟି' କାର୍ଯ୍ୟକ୍ରମ ଅଧୀନକୁ ଅଣାଯିବା ପରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ସ୍ଥିର କରାଯାଇଛି ବୋଲି ମୋ ସ୍କୁଲର ଅଧକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ପ୍ରକାଶ କରିଛନ୍ତି । ଶ୍ରୀମତୀ ବାଗ୍‌ଚୀ କହିଛନ୍ତି ଯେ ମୋ ସ୍କୁଲ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଅନୁଯାୟୀ ଆସନ୍ତା ଏକ ବର୍ଷ ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲାରେ ୧୦୦ଟି ସ୍କୁଲକୁ ଚୟନ କରାଯାଇ ସେଗୁଡ଼ିକୁ ମଡେଲ୍ ସ୍କୁଲ ଭାବରେ ବିକଶିତ କରାଯିବ । ଏଥିରେ ପ୍ରତ୍ୟେକଟି ଜିଲ୍ଲାରୁ ଅତିକମ୍‌ରେ ୩ଟି ଲେଖାଏଁ ବିଦ୍ୟାଳୟ ରହିବ । ଚଳିତ ବର୍ଷଠାରୁ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଷ୍ଟୁଡେଣ୍ଟ ଆଡ୍‌ପସନ୍ (ପୋଷ୍ୟ ଛାତ୍ର) କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯିବ । ଏହା ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀ ଏବଂ ଇଚ୍ଛୁକ ବ୍ୟକ୍ତିବିଶେଷମାନେ ୧୦୦ଟି ବିଦ୍ୟାଳୟର ଏକ ହଜାର ଛାତ୍ରଛାତ୍ରୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କ ପାଠପଢ଼ାର ସମସ୍ତ ବିଷୟ ବୁଝିବେ । ପ୍ରଶାସନିକ ଅଧିକାରୀ, ରାଜନୈତିକ ବ୍ୟକ୍ତିବିଶେଷ, କର୍ପୋରେଟ୍‌ରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କୁ ପୋଷ୍ୟ ଛାତ୍ର କାର୍ଯ୍ୟକ୍ରମରେ ସାମିଲ କରାଯାଇ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଉତ୍ସାହିତ କରାଯିବ । ସେହିଭଳି ମୋ ସ୍କୁଲ ସହ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀଙ୍କୁ ସଂଯୋଗ କରାଯିବ ଏବଂ ଅଭିଯାନକୁ ରାଜ୍ୟବ୍ୟାପୀ ବ୍ୟାପକ କରାଯିବ । ଏହାର ଲାଭ କିଭଳି ରାଜ୍ୟର ସମସ୍ତ ବିଦ୍ୟାଳୟରେ ପହଞ୍ଚିବ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାର ଛାତ୍ରଛାତ୍ରୀମାନେ କିପରି ଉପକୃତ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ । ଅଭିଭାବକମାନେ ବେସରକାରୀ ସ୍କୁଲ ପରିବର୍ତ୍ତେ ସରକାର ସ୍କୁଲରେ ନିଜ ପିଲାଙ୍କୁ ପଢ଼ାଇବାରେ ଆଗ୍ରହ ସୃଷ୍ଟି କରିବା ସହ କୋଭିଡ୍‌ର ଜଟିଳ ପରିସ୍ଥିତିରେ ମୋ ସ୍କୁଲ ଟିମ୍ ପରିଶ୍ରମ କରି ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିଛି । ରାଜ୍ୟରେ ୧୦୦ଟି ବିଦ୍ୟାଳୟକୁ ମଡେଲ ସ୍କୁଲ ଭାବେ ବିକଶିତ କରିବା ସହ ରାଜ୍ୟର ବିଭିନ୍ନ ସ୍କୁଲରେ ଚାଲୁ ରହିଥିବା ପ୍ରକଳ୍ପର ଅଗ୍ରଗତି ଓ ତାହାର କାର୍ଯ୍ୟକାରିତା ଉପରେ ଶ୍ରୀମତୀ ବାଗ୍‌ଚୀ ପ୍ରକାଶ କରିଥିଲେ ।

ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ କରାଯାଇ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବା 'ମୋ ସ୍କୁଲ'ର ଆଭିମୁଖ୍ୟ ହେବା ଉଚିତ । ମୋ ସ୍କୁଲ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ରାଜ୍ୟର ୨୫ ହଜାର ସ୍କୁଲରେ ଭିତ୍ତିଭୂମି ବିକାଶ ସହ ଛାତ୍ରଛାତ୍ରୀମାନଙ୍କୁ ଯେପରି ଗୁଣାତ୍ମକ ଶିକ୍ଷାଦାନ ଏବଂ ଆବଶ୍ୟକୀୟ ସୁବିଧାସୁଯୋଗ ମିଳିପାରିବ ସେ ଦିଗରେ 'ମୋ ସ୍କୁଲ୍' କାର୍ଯ୍ୟ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଥିଲେ ।

'ମୋ ସ୍କୁଲ' ପକ୍ଷରୁ ଆସନ୍ତା ଶିକ୍ଷାବର୍ଷଠାରୁ ଭଲ ପ୍ରଦର୍ଶନ କରିଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଉତ୍ସାହିତ କରିବା ଲାଗି ପୁରସ୍କୃତ କରାଯିବ । ଖୁବ୍ ଶୀଘ୍ର ବୈଷୟିକ ବିଜ୍ଞାନ

ସହଯୋଗରେ ରାଜ୍ୟର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବିଶାଳ ସମାବେଶର ଆୟୋଜନ କରାଯିବ । ମେଣ୍ଟର କନେକ୍ଟ କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୦୦ଟି ବିଦ୍ୟାଳୟକୁ ମନୋନୀତ କରାଯାଇ ୧୦୦ ଜଣ ମେଣ୍ଟରଙ୍କୁ ଚୟନ କରାଯାଇଥିବାବେଳେ 'ଷ୍ଟୁଡେଣ୍ଟସ୍ ମେଣ୍ଟରିଂ' କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ୨୦୨୦ ମାର୍ଚ୍ଚ ୩ ତାରିଖରେ ଅନୁଷ୍ଠିତ ଷଷ୍ଠ ପରିଚାଳନା ପରିଷଦ ବୈଠକରେ ସ୍ଥିରୀକୃତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନର ବିଗତ କାର୍ଯ୍ୟକାରୀ ପରିଷଦ ବୈଠକର ନିର୍ଯ୍ୟାସକୁ ଏହି ବୈଠକରେ ସାଧାରଣ ପରିଷଦର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥିଲା । ୨୦୨୦-୨୧ ଆର୍ଥିକ ବର୍ଷରେ ହୋଇଥିବା କାର୍ଯ୍ୟକାରୀ ପରିଷଦର ୬ଟି ବୈଠକରେ ୩୦ଟି ଜିଲ୍ଲାର ୮,୮୭୭ଟି ବିଦ୍ୟାଳୟର ମୋଟ ୫୭,୪୯,୨୮,୩୮୩ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏଥିପାଇଁ ପୁରାତନ ଛାତ୍ରଛାତ୍ରୀ ୧୯,୧୬,୪୯,୮୧୪ ଟଙ୍କା ପ୍ରଦାନ କରିଥିବାବେଳେ ରାଜ୍ୟ ସରକାର ୩୮,୩୨,୮୭,୬୨୮ ଟଙ୍କା ପ୍ରଦାନ କରିଛନ୍ତି ।

୨୦୨୦-୨୧ ଆର୍ଥିକ ବର୍ଷରେ 'ମୋ ସ୍କୁଲ' ପକ୍ଷରୁ ଉଭୟ ବିଦ୍ୟାଳୟ ଓ ରାଜ୍ୟସ୍ତରରେ ପୁରାତନ ଛାତ୍ରଛାତ୍ରୀ ଏବଂ ସ୍କୁଲ ମଧ୍ୟରେ ସହଯୋଗ ସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରାଯାଇଛି । ଗତ ଏକ ବର୍ଷରେ ମୋ ସ୍କୁଲ ଅଭିଯାନ ମୋଟ ୧,୮୨,୦୦୦ ପୁରାତନ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିଛି । ମୋ ସ୍କୁଲ ମୋବାଇଲ୍ ଆପ୍‌ରେ ୭୫ ହଜାର ସଦସ୍ୟ ଯୋଡ଼ି ହୋଇଥିବାବେଳେ ନିଜ ସ୍କୁଲକୁ ଆର୍ଥିକ ସହାୟତା ଯୋଗାଇଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ଅଗ୍ରଗତି ସଂପର୍କରେ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି । କୋଭିଡ୍ ସମୟରେ ସ୍କୁଲ ବନ୍ଦ ଥିବାବେଳେ ପ୍ରତ୍ୟେକ ଜିଲ୍ଲାରେ ପୁରାତନ ଛାତ୍ର ସଂଘ ବୈଠକକୁ ଭର୍ଚୁଆଲ୍ ମୋଡ୍‌ରେ କରାଯାଇଛି । ରାଜ୍ୟର ୫ ହଜାରରୁ ଅଧିକ ସ୍କୁଲ ନିଜ ପୁରାତନ ଛାତ୍ରଛାତ୍ରୀମାନଙ୍କ ପାଖରେ ପହଞ୍ଚିବା ସହ ସ୍ୱତନ୍ତ୍ର ହ୍ୱାଟସ୍‌ଆପ୍ ଗ୍ରୁପ୍ ଗଠନ କରି ମୋ ସ୍କୁଲ ଅଭିଯାନକୁ ସେମାନଙ୍କ ନିକଟରେ ପହଞ୍ଚାଇଛନ୍ତି । ମୋ ସ୍କୁଲ ଅଭିଯାନ ୪ଟି ଅନ୍ତର୍ଜାତୀୟ ସଂସ୍ଥା ଏବଂ ୭ଟି ଜାତୀୟ ସ୍ତରୀୟ ସଂସ୍ଥା ସହ ମିଳିତ ଭାବେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ କୋଡ୍ କ୍ଲବ୍, ସ୍ମାର୍ଟ କ୍ଲାସ୍‌ରୁମ୍, ଭିତ୍ତିଭୂମି ବିକାଶ ସହ ଶିକ୍ଷକ ପ୍ରଶିକ୍ଷଣ ଏବଂ ଭର୍ଚୁଆଲ୍ ଲର୍ଣ୍ଣିଂ କାର୍ଯ୍ୟକ୍ରମ ଆୟୋଜନ କରିଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବାକୁ ଲକ୍ଷ୍ୟ ରହିଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବାକୁ ଲକ୍ଷ୍ୟ ରହିଛି । ପ୍ରଥମ ଥର ପାଇଁ ମୋ ସ୍କୁଲ ଅଭିଯାନ ସହାୟତା ରାଶିରେ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ୍‌ରୁମ୍, ରୋବୋଟିକ୍ସ ଏବଂ ବିଲ୍ଡିଂ ଆଜ୍ ଏ ଲର୍ଣ୍ଣିଂ ଏଡ୍ ଭଳି ୩ଟି ନୂଆ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି ।

ଏହି ବୈଠକରେ ଓଏସ୍‌ଇପିଏ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ରଶିଦ୍ ଖାନ୍, ଏସ୍‌ସି ଓ ଏସ୍‌ଟି ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଶ୍ରୀମତୀ ଗୁହା ପୁନମ୍, ଗଣଶିକ୍ଷା ବିଭାଗର ଉପସଚିବ ତଥା ମୋ ସ୍କୁଲ ଅଭିଯାନର ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ପ୍ରତିଭା ଦୋରା,

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ